# REGIONAL NEWS UNIT, AIR CUTTACK

**Morning Bulletin (7.05 AM)**

**10 December – 2025**

## ସଡକ ପ୍ରକଳ୍ପ

ରାଜ୍ୟରେ ୫ଟି ଜାତୀୟ ରାଜପଥ, ୫ଟି ରାଜ୍ୟ ରାଜପଥ ଓ କେନ୍ଦ୍ର ସଡକ ଏବଂ ଭିତ୍ତିଭୂମି ପାଣ୍ଠି- ସିଆରଆଇଏଫ ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ମୋଟ ୪୪ହଜାର ୭୭୧କୋଟି ଟଙ୍କା ମଞ୍ଜୁର କରିଛନ୍ତି । ନୂଆଦିଲ୍ଲୀରେ କେନ୍ଦ୍ର ସଡକ ପରିବହନ ଓ ରାଜମାର୍ଗ ମନ୍ତ୍ରୀ ନିତିନ ଗଡକରୀଙ୍କ ସହ ସାକ୍ଷାତ ପରେ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି,ଅନୁମୋଦନ ମିଳିଥିବା ପ୍ରକଳ୍ପ ଗୁଡିକ ମଧ୍ୟରେ ଭୁବନେଶ୍ୱର-ପୁରୀ ରାସ୍ତାକୁ ୮ଲେନ କରିବା, ଟାଙ୍ଗି-ପୁଇଁତୋଳା-ଇଛାପୁରମ୍ ରାସ୍ତାକୁ ୬ଲେନ୍, ୪୦୦କିଲୋମିଟର ଦୀର୍ଘ ରାଉରକେଲା-ବଡବିଲ୍-ପାରାଦୀପ, ଭାୟା ଡୁବୁରୀ ରାସ୍ତାକୁ ୮ଲେନ କରିବା ସାମିଲ ରହିଛି । ମନ୍ତ୍ରୀ କହିଛନ୍ତି, ଭୁବନେଶ୍ୱରରୁ ପାରାଦୀପକୁ ସିଧାସଳଖ ନୂଆ ଗ୍ରୀନ ଫିଲ୍ଡ ରାସ୍ତା ନିର୍ମାଣ ନେଇ ମଧ୍ୟ କେନ୍ଦ୍ରମନ୍ତ୍ରୀଙ୍କ ସହିତ ଆଲୋଚନା ହୋଇଛି ।

# ବିଶ୍ୱ ମାନବ ଅଧିକାର ଦିବସ

ପ୍ରତ୍ୟେକ ବ୍ୟକ୍ତିର ମୌଳିକ ସ୍ୱାଧୀନତା ଓ ଅଧିକାରକୁ ସୁନିଶ୍ଚିତ କରିବା ଦିଗରେ ସଚେତନତା ସୃଷ୍ଟି କରିବା ଲାଗି ଆଜି ବିଶ୍ୱବ୍ୟାପୀ ମାନବ ଅଧିକାର ଦିବସ ପାଳନ କରାଯାଉଛି। ୧୯୫୦ ମସିହାରୁ ପ୍ରତିବର୍ଷ ଡିସେମ୍ବର ୧୦ ତାରିଖରେ ମାନବ ଅଧିକାର ଦିବସ ପାଳିତ ହୋଇଆସୁଛି। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି- "ମାନବ ଅଧିକାର: ଆମର ଦୈନନ୍ଦିନ ଆବଶ୍ୟକତା ।"ଏହି ଅବସରରେ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଅନୁଷ୍ଠିତ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

# କ୍ରିକେଟ

କଟକ ବାରବାଟୀ ଷ୍ଟାଡିୟମରେ ଗତକାଲି ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନୁଷ୍ଠିତ ଟ୍ୱେଣ୍ଟି-୨୦ କ୍ରିକେଟ ମ୍ୟାଚରେ ଭାରତ ୧୦୧ରନ୍‌ରେ ବିଜୟ ହାସଲ କରିଛି । ହାର୍ଦ୍ଦିକ ପାଣ୍ଡିଆଙ୍କ ଅର୍ଦ୍ଧଶତକ ବଳରେ ଭାରତ ୨୦ଓଭରରେ ୬ଓ୍ୱିକେଟ ହରାଇ ୧୭୫ରନ୍ ସଂଗ୍ରହ କରିଥିଲା । ୧୭୬ରନ୍‌ର ଲକ୍ଷ୍ୟକୁ ପିଛା କରି ଦକ୍ଷିଣ ଆଫ୍ରିକା ମାତ୍ର ୭୪ରନ୍‌ରେ ଅଲଆଉଟ ହୋଇଯାଇଥିଲା । ଭାରତ ପକ୍ଷରୁ ଅର୍ଶଦୀପ ସିଂ, ଯଶପ୍ରୀତ ବୁମ୍‌ରା, ବରୁଣ ଚକ୍ରବର୍ତ୍ତୀ ଓ ଅକ୍ଷର ପଟେଲ ଦୁଇଟି ଲେଖାଏଁ ଓ୍ୱିକେଟ ଅକ୍ତିଆର କରିଥିଲେ ।  ଚଳିତବର୍ଷ ବାରବାଟୀ ଷ୍ଟାଡିୟମରେ ୪୦ହଜାର

ଦର୍ଶକଙ୍କ ପାଇଁ ମ୍ୟାଚ ଦେଖିବାର ବ୍ୟବସ୍ଥା ହୋଇଥିଲା । ମ୍ୟାଚ ଦେଖିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଆଗାମୀଦିନରେ ରାଜ୍ୟ ସରକାର ବାରବାଟୀରେ ଅଧିକ ଦର୍ଶକଙ୍କ ପାଇଁ ବ୍ୟବସ୍ଥା କରିବାକୁ ବିଚାର କରୁଛନ୍ତି ।

**V/O**

---

## ଯୁକ୍ତଦୁଇ ନାମଲେଖା

ରାଜ୍ୟରେ ଆଜିଠାରୁ ୧୪ତାରିଖ ପର୍ଯ୍ୟନ୍ତ ଯୁକ୍ତଦୁଇରେ ଚତୁର୍ଥ ପର୍ଯ୍ୟାୟ ନାମଲେଖା ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ ହେଉଛି । ଆସନ୍ତା ୧୭ତାରିଖରେ ଏଥିପାଇଁ ମେଧାତାଲିକା ପ୍ରକାଶ ପାଇବ । ଛାତ୍ରଛାତ୍ରୀମାନେ ଆସନ୍ତା ୧୮ ଓ ୧୯ତାରିଖରେ ନାମଲେଖାଇ ପାରିବେ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି ।

---

## ସମୀକ୍ଷା ବୈଠକ

ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତ୍ତିଭାସନ ସମୀକ୍ଷା କରିଛନ୍ତି । ଛତ୍ରପୁର ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଜିଲ୍ଲାପାଳ ଜନସାଧାରଣଙ୍କ ପାଖରେ ବିଭିନ୍ନ ଯୋଜନାର ସୁଫଳ ପହଞ୍ଚାଇବା ନେଇ ଗୁରୁତ୍ୱପ୍ରଦାନ କରିଥିଲେ ।

---

# ଶାନ୍ତିକମିଟି ବୈଠକ

ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଏମ.ଭି-୨୬ ଓ ରେଖାଲଗୁଡା ଗ୍ରାମ ମଧ୍ୟରେ ଶାନ୍ତିକମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଭିନ୍ନ ରାଜନୈତିକ ଦଳର ବ୍ୟକ୍ତି ତଥା ପ୍ରତିନିଧିମାନେ ଯୋଗଦେଇ ଶାନ୍ତି ଫେରାଇ ଆଣିବା ନେଇ ସହମତି ପ୍ରକାଶ କରିଥିଲେ।

---

# କ୍ରୀଡା ପ୍ରତିଯୋଗିତା

ବିଜୁ କନ୍ୟାରତ୍ନ ଯୋଜନା ଏବଂ ବେଟି ବଚାଓ, ବେଟି ପଢାଓ ଅଭିଯାନ ଅଧୀନରେ ଝିଅମାନଙ୍କ ସଶକ୍ତିକରଣ ପାଇଁ ରାୟଗଡା ଜିଲ୍ଲାରେ ହକି ଓ ଫୁଟବଲ କ୍ରୀଡା ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ ଏବଂ ଜିଲ୍ଲା କ୍ରୀଡା ଅଧିକାରୀ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ ।

# ପ୍ରସ୍ତୁତି ବୈଠକ

ଗଞ୍ଜାମ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲାର ଦଣ୍ଡନାଚ ଓ ପ୍ରହ୍ଲାଦ ନାଟକକୁ ୟୁନିସ୍କୋ ବିଶ୍ୱ ଐତିହ୍ୟ ମାନ୍ୟତା ପ୍ରଦାନ ପାଇଁ ପ୍ରୟାସ କରିବା ଲାଗି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏହି ଦୁଇ ଲୋକକଳାକୁ ନେଇ ଏକ ପ୍ରମାଣିକ ଚଳଚ୍ଚିତ୍ର ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଛି ।

---

## ହର୍ବାଲ ମେଳା

ଭୁବନେଶ୍ୱର ଇଡ୍‌କୋ ପ୍ରଦର୍ଶନୀ ପଡିଆଠାରେ ଆଜିଠାରୁ ଅଷ୍ଟାଦଶ ରାଜ୍ୟସ୍ତରୀୟ କଳିଙ୍ଗ ହର୍ବାଲ ମେଳା ଆରମ୍ଭ ହେବ । ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ଖୁଣ୍ଟିଆ ମେଳାକୁ ଉଦ୍‌ଘାଟନ କରିବେ ।

---

## ବ୍ୟାଡମିଣ୍ଟନ

କଟକ ଜବାହାରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମଠାରେ ଆନ୍ତର୍ଜାତିକ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଓଡିଶା ମାଷ୍ଟରର୍ସ-୨୦୨୫ ଉଦ୍‌ଘାଟିତ ହୋଇଯାଇଛି । କ୍ରୀଡା ଓ ଯୁବସେବା ବିଭାଗର କମିଶନର ସଚିନ ରାମଚନ୍ଦ୍ର ଯାଦବ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ । ଏଥିରେ ୧୬ଟି ଦେଶରୁ କ୍ରୀଡାବିତ୍‌ମାନେ ଅଂଶଗ୍ରହଣ କରିଛନ୍ତି ।

---

## ଶୀତ ଲହରୀ

ରାଜ୍ୟରେ ଶୀତର ଲହରୀ ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ବିଭିନ୍ନ ସ୍ଥାନରେ ଆସନ୍ତା ତିନିଦିନ ପର୍ଯ୍ୟନ୍ତ ଶୀତର ପ୍ରଭାବ ରହିବ। ଆସନ୍ତା ୨୪ଘଣ୍ଟା ମଧ୍ୟରେ ଘନକୁହୁଡି ହେବା ନେଇ ସୁନ୍ଦରଗଡ, କନ୍ଧମାଳ, ଝାରସୁଗୁଡା ଏବଂ ଶୀତଲହରୀ ବୃଦ୍ଧି ପାଇବା ନେଇ ଅନୁଗୋଳ, ସୁବର୍ଣ୍ଣପୁର, କଳାହାଣ୍ଡି, କୋରାପୁଟ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

---